**+3-I-S-NEP-Major/Minor-AEC-I-Arts/Sc/Com-Odia**

# 2024

Time :As in Programme

Full Marks : 100

*The figures in the right-hand margin indicate marks.*

*Answer **all** the questions*

## 'କ' ବିଭାଗ

୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । ୧x୧୦

(କ) ଶବ୍ଦର ଏକ ସାର୍ଥକ ସଂଜ୍ଞା ପ୍ରଦାନ କର ।

(ଖ) ତଦ୍ଭବ ଶବ୍ଦ କାହାକୁ କୁହାଯାଏ ?

(ଗ) 'ପୁଅ' ଶବ୍ଦର ତତ୍ ସମ ରୂପ କ'ଣ ?

(ଘ) 'ବିଷର୍ଣ୍ଣ' ଶବ୍ଦର ଶୁଦ୍ଧ ରୂପ କ'ଣ ?

(ଙ) 'ନିରୋଗୀ'ର ଶୁଦ୍ଧରୂପ କ'ଣ ?

(ଚ) 'ଗୋଟିଏ ଚାଉଳରେ ଗଢ଼ା' ରୂଢ଼ିର ଅର୍ଥ କ'ଣ ?

(ଛ) ରୂପ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାରର ?

(ଜ) ଯୌଗିକ ବାକ୍ୟ କିପରି ଗଠିତ ହୁଏ ?

(ଝ) ଭାବ ଦୃଷ୍ଟିରୁ ବାକ୍ୟକୁ କେତେ ପ୍ରକାରରେ ବିଭକ୍ତ କରାଯାଏ ?

(ଞ) 'ସାହା ହେବା' ଅର୍ଥ ସୂଚାଉଥିବା ରୂଢ଼ିଟି କ'ଣ ?

## 'ଖ' ବିଭାଗ

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ୫୦ ଶବ୍ଦ ମଧ୍ୟରେ ଦିଅ । ୨x୯

(କ) ଓଡ଼ିଆ ଶବ୍ଦ ଭଣ୍ଡାରରେ କେତେ ପ୍ରକାରର ଶବ୍ଦ ଦେଖାଯାଏ ? ସେଗୁଡ଼ିକର ପରିଚୟ ପ୍ରଦାନ କର ।

(ଖ) ଗୋଟିଏ ସମ୍ପୂର୍ଣ୍ଣ ବାକ୍ୟର କେତୋଟି ବୈଶିଷ୍ଟ୍ୟ ରହିଛି ? ସେଗୁଡ଼ିକ କ'ଣ ?

(ଗ) କ୍ରିୟାହୀନ ରୂଢ଼ି କାହାକୁ କୁହନ୍ତି ? ଏହାର ଗୋଟିଏ ଉଦାହରଣ ଦିଅ ।

(ଘ) 'ନିଜ ଲୋକ ଶତ୍ରୁ' ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟିକୁ ବାକ୍ୟରେ ପ୍ରୟୋଗ କର ।

(ଙ) 'ଯେ ଦେଶ ସେବା କରେ, ସେ ପ୍ରଶଂସା ପାଏ' – ଏଥିରେ ମୁଖ୍ୟ ବାକ୍ୟ ଓ ଆଶ୍ରିତ ବାକ୍ୟ କିଏ ?

(ଚ) ଆଶ୍ଚର୍ଯ୍ୟ ଭାବ ପ୍ରକାଶ କରୁଥିବା ବାକ୍ୟ କି ପ୍ରକାର ବାକ୍ୟ ? ଏହାର ଗୋଟିଏ ଉଦାହରଣ ଦିଅ ।

(ଛ) 'ଅତି ଗର୍ବ ପ୍ରଦର୍ଶନ କରିବା' – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କି ପ୍ରକାରର ? ରୂଢ଼ିଟିକୁ ବାକ୍ୟରେ ବ୍ୟବହାର କର ।

(ଜ) 'ଏବେ ଗ୍ରାମମାନଙ୍କର ଦୁରାବସ୍ଥା ଆଉ ନାହିଁ' – ବାକ୍ୟଟିକୁ ଶୁଦ୍ଧ ରୂପେ ଲେଖ ।

(ଝ) ପୋଲିସ ଷଡ଼ଯନ୍ତ୍ରର <u>ରହସ୍ୟ ଉନ୍ମୋଚନ କଲା</u> – ରେଖାଙ୍କିତ ଶବ୍ଦ ସମୂହ ବଦଳରେ ରୂଢ଼ିଯୁକ୍ତ ଶବ୍ଦ ବ୍ୟବହାର କରି ବାକ୍ୟଟିକୁ ଲେଖ ।

## 'ଗ' ବିଭାଗ

୩. ଯେକୌଣସି ଆଠଟିର ଉତ୍ତର ୨୫୦ ଶବ୍ଦ ମଧ୍ୟରେ ଦିଅ । ୫x୮

(କ) ଉଦାହରଣ ସହ ବାକ୍ୟର ସଂଜ୍ଞା ଓ ଲକ୍ଷଣ ନିରୂପଣ କର ।

(ଖ) ରୂଢ଼ି କାହାକୁ କହନ୍ତି ? ଉଦାହରଣ ସହ ରୂଢ଼ିର ପ୍ରକାରଭେଦ ଦର୍ଶାଅ ।

(ଗ) ସ୍ତମ୍ଭ ଲିଖନ କଳାର ସାମାଜିକ ଉପଯୋଗିତା କିପରି ରହିଛି, ବୁଝାଇ ଲେଖ ।

(ଘ) ସମ୍ବାଦପତ୍ରରେ ପ୍ରକାଶ ପାଉଥିବା ଫିଚରର କେତେଦୂର ସମାଜ ଉପଯୋଗୀ, ମତାମତ ଦିଅ ।

(ଙ) ପତ୍ରଲିଖନର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ଆଲୋଚନା କର ।

(ଚ) ଏକ ବୃହତ୍ ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବା ନିମିତ୍ତ କି ପ୍ରକାର କୌଶଳ ଅବଲମ୍ବନ କରିବାକୁ ହୁଏ, ଦର୍ଶାଅ ।

(ଛ) ଏକ ବୃହତ୍ ଅନୁଚ୍ଛେଦର ଶୀର୍ଷକ ନିର୍ଦ୍ଧାରଣ କିପରି କରାଯାଇପାରିବ ?

(ଜ) ଏକ ପ୍ରଦତ୍ତ ଅନୁଚ୍ଛେଦରୁ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର କିଭଳି ପ୍ରଦାନ କରାଯାଇପାରିବ, ଉଲ୍ଲେଖ କର ।

(ଝ) ସ୍ତମ୍ଭ ରଚନା କଲାବେଳେ କେଉଁ ନିୟମଗୁଡ଼ିକ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ ?

(ଞ) ଫିଚର୍‌ର ଉପାଦାନଗୁଡ଼ିକ ସମ୍ପର୍କରେ ଆଲୋଚନା କର ।

## 'ଘ' ବିଭାଗ

ଯେକୌଣସି ଚାରିଟିର ଉତ୍ତର ୮୦୦ ଶବ୍ଦ ମଧ୍ୟରେ ଦିଅ । ୮x୪

୪. ସ୍ତମ୍ଭ ଲିଖନର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ନିରୂପଣ କର ।

୫. ବାକ୍ୟର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ସମ୍ପର୍କରେ ସବିଶେଷ ଆଲୋଚନା କର ।

୬. ପରିବେଶ ପ୍ରଦୂଷଣର ସାମଗ୍ରିକ ପ୍ରଭାବ ଆକଳନ ପୂର୍ବକ ଏକ ଫିଚର୍ ପ୍ରସ୍ତୁତ କର ।

୭. ବ୍ୟାବସାୟିକ ଦୃଷ୍ଟିକୋଣରୁ ବିଜ୍ଞାପନର ଉପଯୋଗିତା ନିରୂପଣ କର ।

୮. ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସମସ୍ୟା ଜଣାଇ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ ।